# ଶିଳ୍ପୀଙ୍କ ପରଲୋକ

ନଳାଙ୍ଗ,୭।୧(ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକ ଅଧୀନ କଳେଇ ପଞ୍ଚାୟତ କଣ୍ଠାପଡ଼ା ଗ୍ରାମର ଶିଳ୍ପୀ ପ୍ରହ୍ଲାଦ ପାଣି(୮୨)ଙ୍କ ମଙ୍ଗଳବାର ଭୋର ସମୟରେ ପରଲୋକ ହୋଇଯାଇଛି। ସେ ଜଣେ କାଠ ଖୋଦେଇ ଶିଳ୍ପୀ ଥିଲେ। କାଠରେ ବିଭିନ୍ନ ଚିତ୍ର କରିବା ସହ ରଙ୍ଗତୂଳୀରେ ସୁନ୍ଦର



ସଂସ୍କୃତିଭିତ୍ତିକ ଚିତ୍ର କରି ରାଜ୍ୟ ଓ ଦେଶରେ ଖ୍ୟାତି ଅର୍ଜନ କରିଥିଲେ। ଏହାସହ କବିତା ଓ ଗଳ୍ପ ଲେଖି ନିଜର କଳାତ୍ମକ ଜ୍ଞାନର ପରିଚୟ ଦେଇଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ନାରାୟଣ କଳା ମନ୍ଦିର, ମ୍ୟୁଜିୟମ୍ ଓ ତାଙ୍କ ରଚିତ ପୁସ୍ତକ 'ନିର୍ବାଣ', 'ଶେଷ ପାହାଚର ମଣିଷ' ବେଶ୍ ପାଠକାଦୃତ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ରାଜେନ୍ଦ୍ର, ବୀରେନ୍ଦ୍ର, କୃଷ୍ଣଚନ୍ଦ୍ର ଓ ଝିଅ ରାଜଶ୍ରୀ ଉପସ୍ଥିତ ଥିଲେ। ବଡ଼ ଦୁଇପୁଅ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଭାବେ ସୁନାମ ଅର୍ଜନ କରିଛନ୍ତି।

# ବାଲି ବୋଝେଇ ହାଇୱା ଚଳାଚଳ ଉପରେ ରହୁନି କଟକଣା

■ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର
■ସ୍କୁଲ ସମୟରେ ବନ୍ଦ ପାଇଁ ଦାବି

ବନ୍ତ,୭।୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ-ଛତାବର ପୂର୍ତ୍ତ ବିଭାଗ ରାସ୍ତାରେ ବେଧଡ଼କ ଭାବେ ବାଲି ବୋଝେଇ ହାଇୱାଗୁଡ଼ିକ ଚଳାଚଳ କରୁଛି। ଫଳରେ ଏହି ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଥିବାରୁ ସ୍କୁଲ ସମୟରେ ଛାତ୍ରୀଛାତ୍ର ଯିବାଆସିବା ବେଳେ ଅସୁରକ୍ଷିତ ମଣୁଛନ୍ତି। ଏହି ସମୟରେ ବାଲି ବୋଝେଇ ହାଇୱା ଚଳାଚଳ ଉପରେ ପ୍ରଶାସନିକ ସ୍ତରରେ କଟକଣା ରହୁ ନ ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ



ନିଳୋକ-ଛତାବର ରାସ୍ତାରେ ସ୍କୁଲ ସମୟରେ ଚଳାଚଳ କରୁଛି ଏକ ବାଲି ବୋଝେଇ ଗାଡ଼ି।

ଯେ, ନିଳୋକ-ଛତାବର ରାସ୍ତାପାର୍ଶ୍ୱରେ ନିଳୋକ ହାଇସ୍କୁଲ, ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗନା ଉ.ପ୍ରା. ବିଦ୍ୟାଳୟ, ବାଇପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଆଦି ରହିଛି। ବିଦ୍ୟାଳୟଗୁଡ଼ିକୁ ଦୈନନ୍ଦିନ ବହୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଯାଉଛନ୍ତି। ହେଲେ ଏହି ରାସ୍ତାର ଏବେ ଉନ୍ନତୀକରଣ ହେବା ପରେ ଦୈନନ୍ଦିନ ବାଲି ବୋଝେଇ ହାଇୱାଗୁଡ଼ିକ ଚଳାଚଳ କରୁଛି। ଗାଡ଼ିଗୁଡ଼ିକ କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ଭୂଇଁପୁର, ଡିମିରିଆ, ବାଲିପଦା, ଆଗିରିଆ ଏବଂ ଯାଜପୁର ଜିଲା କୋରେଇ ତହସିଲ ଅଧୀନ ମଥୁରାପୁର, ମୁକୁନ୍ଦପୁର ଆଦି ବାଲିଘାଟରୁ ବାଲି ଓଭରଲୋଡ୍ କରି ଏହି ରାସ୍ତା ଦେଇ ବାରିକପୁରଠାରେ ୧୬ନଂ. ଜାତୀୟ ରାଜପଥକୁ ଯାଉଛି। ସେଠାରୁ ଗାଡ଼ିଗୁଡ଼ିକ ବାଲେଶ୍ୱର ଅଭିମୁଖେ ଯାଇ ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଉଛି। ବିଦ୍ୟାଳୟ ସମୟରେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଯାଉଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। କଟକଣା ନ ଥିବା ଯୋଗୁ ଗାଡ଼ିଗୁଡ଼ିକ ମନମୁଖୀ ଭାବେ ଦିନରାତି ଯାଆସ କରୁଛି। କେତେକ ସ୍ଥାନରେ ବାଲି ବୋଝେଇ ଗାଡ଼ିଗୁଡ଼ିକଠାରୁ ଚାନ୍ଦା ଆଦାୟ କରାଯାଇ ଯିବା ପାଇଁ ପ୍ରଶ୍ରୟ ଦିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ସମୟରେ ବାଲି ବୋଝେଇ ହାଇୱାଗୁଡ଼ିକ ଚଳାଚଳ ବନ୍ଦ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବନ୍ତର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ କହିଛନ୍ତି, ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରାସ୍ତାରେ ଭାରୀଯାନ ଚଳାଚଳ କରିପାରିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ ବାଲି ବୋଝେଇ ଗାଡ଼ିଗୁଡ଼ିକ ଚଳାଚଳ ଉପରେ କଟକଣା ଦିଗରେ ପଦକ୍ଷେପ ନେବା ଖଣି ବିଭାଗର ଦାୟିତ୍ୱ ବୋଲି ସେ କହିଛନ୍ତି।

# ବାଡ଼ ଉପାଡ଼ିଲେ, ପ୍ରତିବାଦ କରିବାରୁ ମାରିଲେ

ଭଦ୍ରକ,୭।୧(ସନାତନ ରାଉତ)

କମିଶନର କୋର୍ଟ ନିର୍ଦ୍ଦେଶରେ ବନ୍ତ ତହସିଲଦାରଙ୍କ ପକ୍ଷରୁ ଡିମାର୍କେଶନ କରାଯାଇଥିଲା। କିନ୍ତୁ ଅପରପକ୍ଷ ବାଡ଼ ଉପାଡ଼ି ଦେଲେ। ପ୍ରତିବାଦ କରିବାରୁ ଗାଳିଗୁଲଜ କରିବା ସହ ମାଡ଼ ମାରିଲେ। ଥାନାକୁ ନ୍ୟାୟ ପାଇଁ ଗଲେ ଏତଲା ରଖୁନି ପୋଲିସ। ଓଲଟା ବାଡ଼ ଉପାଡ଼ିବା କେସ୍ ରଖିବେ ନାହିଁ ବୋଲି କହୁଛନ୍ତି। ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଏପରି ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି ଆଗରପଡ଼ା ଥାନା ଅଧୀନ ରଇଁତିରା ଗ୍ରାମର ଗୌରାଙ୍ଗ ପୃଷ୍ଟି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ୧୨୧ ଖାତାର ୨୧୬ ନଂ. ପ୍ଲଟ୍‌କୁ ଡିମାର୍କେଶନ ପାଇଁ କମିଶନର କୋର୍ଟ ନିର୍ଦ୍ଦେଶ ଦେବା ପରେ ତହସିଲଦାର ୨୦୧୯ ମସିହାରେ ଡିମାର୍କେଶନ କରିଥିଲେ। ଏହାପରେ ବୁଜାଯାଇଥିବା ବାଡ଼କୁ ଅପରପକ୍ଷ ଉପାଡ଼ିଦେବା ସହ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏନେଇ ଆଗରପଡ଼ା ଥାନାରେ ଅଭିଯୋଗ

## ଏତଲା ରଖୁନି ପୋଲିସ

କରିବା ପରେ ପୂର୍ବ ୨ ଥାନାଧିକାରୀଙ୍କ ସମେତ ବର୍ତ୍ତମାନର ଥାନାଧିକାରୀ ମଧ୍ୟ ସମାନ କଥା କହୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଏସ୍‌ପିଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ମଧ୍ୟ ଆଣିଥିବା କହିଥିଲେ ଗୌରାଙ୍ଗ। ଜିଲାପାଳ ଦିଲୀପ ରାଉତରାଏ ଘଟଣା ବାବଦରେ ବୁଝିବା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିବା ଗୌରାଙ୍ଗଙ୍କୁ କହିଛନ୍ତି। ଏନେଇ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି କହିଛନ୍ତି, ଉକ୍ତ ଘଟଣା ୫ ବର୍ଷ ତଳର। ସରଜମିନ୍‌ରେ ଜମିର ପରିମାଣ ଯେତିକି ଅଛି ତା'ଠାରୁ ଅଧିକ ଜମି ଥିବା ଦାବି କରୁଛନ୍ତି ଅଭିଯୋଗକାରୀ। ଅପରପକ୍ଷ ସରକାରୀ ଜମିରୁ ହଟି ଯାଇଥିବା ବେଳେ ଅଭିଯୋଗକାରୀ ସରକାରୀ ଜମିକୁ ଦଖଲ କରିବାକୁ ଚାହୁଁଛନ୍ତି। ସେ ଲିଖିତ ଭାବେ ଦେଲେ ତହସିଲଦାରଙ୍କୁ ଆଉଥରେ ଡିମାର୍କେଶନ ପାଇଁ ଥାନା ପକ୍ଷରୁ ଦିଆଯିବ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ସେ ଆଜି ପର୍ଯ୍ୟନ୍ତ ଲିଖିତ ଭାବେ ଦେଉନାହାନ୍ତି।

# ସୂଚନା, ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ କର୍ମଚାରୀ ସୁରେଶ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ,୭।୧(ସନାତନ ରାଉତ)

ଭଲ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅବସର ପରେ ବି ଲୋକେ ଝୁରି ହୁଅନ୍ତି ବୋଲି ଭଦ୍ରକ ସଂସ୍କୃତି ଭବନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ସୁରେଶ ତ୍ରିପାଠୀଙ୍କ ଅବସର ସମ୍ବର୍ଦ୍ଧନା ସଭାରେ ବକ୍ତାମାନେ କହିଛନ୍ତି। ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ସଭାରେ ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଜୟନ୍ତ ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାଟ୍ୟ ନିର୍ଦ୍ଦେଶକ ରାମନାରାୟଣ ତ୍ରିପାଠୀ, ଲିଜାରାଣୀ ସାହୁ, ଜ୍ୟୋତିପ୍ରକାଶ ସାହୁ, ମହେନ୍ଦ୍ର ଧଳଙ୍କ ସହ ପାଠାଗାରର ପାଠିକା ପାଠକ ଉପସ୍ଥିତ ଥିଲେ।

# ଆର୍‌ଆଇଙ୍କ କାର୍ଯ୍ୟାଳୟ ପିଲର ଧସିଲା, ଢଳିପଡ଼ିଲା କୋଠା

ଚାନ୍ଦବାଲି,୭।୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ତେନ୍ତୁଳିଡିହୀ ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ କାର୍ଯ୍ୟାଳୟର ପିଲର ମଙ୍ଗଳବାର ଅପରାହ୍ଣରେ ଧସିବା ସହ କୋଠାଟି ଢଳିପଡ଼ିଛି। ନବନିର୍ମିତ ଦୁଇ ମହଲା ବିଶିଷ୍ଟ ଏହି କାର୍ଯ୍ୟାଳୟର ଗୋଟିଏ ପଟ ପିଲର ଧସି ପଡ଼ିଥିବା ବେଳେ କୋଠରୀ ଭିତର ଚଟାଣ ଦବି ଟାଇଲ ଉଠିଯାଇଛି। କାର୍ଯ୍ୟାଳୟରେ ଥିବା ଗଡ୍‌ରେଜ ତହସିଲଦାରଙ୍କ ଗୋଡ଼ରେ ପଡ଼ିବାରୁ ସେ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ନୂତନ ଭାବେ ଯୋଗଦେବାକୁ ଆସିଥିବା ରାଜସ୍ୱ ନିରୀକ୍ଷକ ସ୍ନେହଲତା ଦାସଙ୍କୁ କାର୍ଯ୍ୟଭାର ଦେବା ପାଇଁ ତହସିଲଦାର ଭବତୋଷ ମଲ୍ଲିକ ସେଠାରେ ଉପସ୍ଥିତ ଥିଲେ। ହଠାତ୍ ଏଭଳି ଘଟଣା ଘଟିଥିବା ବେଳେ ତହସିଲଦାରଙ୍କ ସମେତ ସମସ୍ତ କର୍ମଚାରୀ ଭୟଭୀତ ହୋଇ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। କାର୍ଯ୍ୟାଳୟ ଗୃହର ଚାରିପଟେ ଫାଟ ହେବା ସହ ଗୋଟେ ପଟକୁ କୋଠାଟି ଢଳିଯାଇଛି। କୋଠରୀ ଭିତରେ ପଡ଼ିଥିବା



ତେନ୍ତୁଳିଡିହୀ ଆର୍‌ଆଇଙ୍କ କାର୍ଯ୍ୟାଳୟର ଟାଇଲ୍ ଉଠିଯାଇଛି।

ଟାଇଲ ଉଠିଯାଇଛି। ପ୍ରାୟ ୩୦ ଲକ୍ଷ ଟଙ୍କା ଅନୁଦାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି କୋଠା ନିର୍ମାଣ ହୋଇଥିଲା। ବର୍ଷେ ତଳେ ଉଦ୍‌ଘାଟନ କରାଯାଇଥିଲା। ନିମ୍ନମାନର କାମ ବିରୋଧରେ ତେନ୍ତୁଳିଡିହୀ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଏସ୍‌ସିଆର୍‌ଡିଙ୍କୁ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ଏହାର ବିଭାଗୀୟ ତଦନ୍ତ କରିବା ସହ କାମ କରୁଥିବା ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରାଯିବା ଓ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଳୟ କୁମାର ନାୟକ, ବିଶ୍ୱଜିତ ବିଶ୍ୱାଳ, ଗଣେଶ ଦାସ, ସାର୍ଥକ କୁମାର ନାୟକ, ସୁରେଶ ବେହେରା, ରାଜକିଶୋର ଜେନା, ମାନସ ବିଶ୍ୱାଳ, ବାମଦେବ ଦାସ, ଦିବ୍ୟରଞ୍ଜନ ବଳ ପ୍ରମୁଖ ଦାବି କରିଛନ୍ତି। ଏନେଇ ତହସିଲଦାର ମଲ୍ଲିକ କହିଛନ୍ତି, କାର୍ଯ୍ୟାଳୟରେ ସମସ୍ତେ ଉପସ୍ଥିତ ଥିଲେ। ହଠାତ୍ ଏକ ଶବ୍ଦ ହୋଇଥିଲା। କିଛି ବୁଝିବା ଆଗରୁ ଗଡ୍‌ରେଜ୍‌ଟି ତାଙ୍କ ଉପରେ ପଡ଼ିଯାଇଥିଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛନ୍ତି। ଘଟଣାସ୍ଥଳକୁ ବିଭାଗୀୟ ଯନ୍ତ୍ରୀ ଯାଇଥିବା ବେଳେ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିନାହାନ୍ତି। ଚାନ୍ଦବାଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହେଉଥିବା ବିଭିନ୍ନ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର। ବିଭାଗୀୟ ଯନ୍ତ୍ରୀ ଚାନ୍ଦବାଲି ଛାଡ଼ି ଭଦ୍ରକରେ ରହୁଥିବାରୁ ପ୍ରକଳ୍ପ ନିର୍ମାଣ ସମୟରେ ଅନୁପସ୍ଥିତ ରହୁଥିବା ଯୋଗୁ ଏପରି ନିମ୍ନମାନର କାମ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

# କବୟିତ୍ରୀଙ୍କ ସ୍ମୃତିସଭାରେ ସମ୍ବର୍ଦ୍ଧନା



ସଭାରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

ଧୂଷୁରୀ, ୭।୧(ଦୀପ୍ତି ରଞ୍ଜନ ନାୟକ)

ପୂର୍ବତନ ଶିକ୍ଷୟିତ୍ରୀ, କବୟିତ୍ରୀ ଶାନ୍ତିଲତା ମହାନ୍ତି ଆଦର୍ଶ ମହିଳା ଥିଲେ ବୋଲି ତାଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ମଙ୍ଗଳବାର ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅଧୀନ ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ କହିଥିଲେ। ଶାନ୍ତି ସ୍ମୃତି କମିଟି ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାମଲଙ୍କ ଅଧ୍ୟକ୍ଷତା ଓ ସ୍ୱାଧୀନ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଅବସରପ୍ରାପ୍ତ ଏବିଇଓ ମଞ୍ଜୁଳାବାଳା ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ନାୟକ, ସନାତନ ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରକ୍ଷାକର ବିଶ୍ୱାଳ, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଅବସରପ୍ରାପ୍ତ ଶିକ୍ଷକ କୁଶଭଦ୍ର ସେଠୀ, ପ୍ରାଣବନ୍ଧୁ ଓଝା, ପ୍ରଫୁଲ୍ଲ ପାତ୍ର, ମୁରଲୀ ବଳ, ଶ୍ରୀନାଥ ନାୟକ, କହ୍ନେଇ ଚରଣ ବିଳାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶାନ୍ତିଲତାଙ୍କ ସ୍ମୃତିରେ କବିତା ପାଠୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ନୀଳମଣି ବିଶ୍ୱାଳ, ଉଗ୍ରେସନ ମହାପାତ୍ର, ତ୍ରିଲୋଚନ ପଣ୍ଡା, ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପୋଲିସ ଅଧିକାରୀ ଚୈତନ୍ୟ ଚରଣ ବାରିକ, ସେନା ଅଧିକାରୀ ଅମିୟ କୁମାର ବିଶ୍ୱାଳ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବବର୍ଷ ସର୍ବାଧିକ ନମ୍ବର ରଖିଥିବା ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅରୋ ଅନିନ୍ଦ୍ୟା ଦାସ, ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ପଲାଇ, ସୁନ୍ଦରପୁର ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାଥ, ନାନ୍ଦପୁର ନୃସିଂହ ନାଥ ହାଇସ୍କୁଲ ଛାତ୍ର ତୃପ୍ତି ରଞ୍ଜନ ରାଉତ ଓ ବାତୋଳ ବିଏସ୍‌ଏସ୍ ହାଇସ୍କୁଲ ଛାତ୍ରୀ ଅନୁଷ୍କା ରାୟଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱର୍ଗତ କବୟିତ୍ରୀଙ୍କ ପୁଅ ଦିଲୀପ ଶେଖର ନାୟକ, ପତିତପାବନ ନାୟକ, ଝିଅ ମୀନର୍ଭା ପ୍ରିୟଦର୍ଶିନୀ ନାୟକ ଓ ସ୍ୱାମୀ ଗଦାଧର ନାୟକ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ।

# ଭାଜପାର ୭ ନୂତନ ମଣ୍ଡଳ ସଭାପତି ମନୋନୀତ

ବାସୁଦେବପୁର,୭।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଭାଜପା ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ୭ ନୂତନ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବାସୁଦେବପୁର ବିଧାନସଭା କ୍ଷେତ୍ରରେ ନଗର ମଣ୍ଡଳ ସଭାପତି ଭାବେ ଆଶୁତୋଷ ସାମଲ, ଚାନ୍ଦିମାଳ ମଣ୍ଡଳ ସଭାପତି ଜଗବନ୍ଧୁ ମଲିକ, ନାୟକାଣିଡିହୀ ମଣ୍ଡଳ ସଭାପତି ଅମର ଦାସ, ରକ୍ତତୀର୍ଥର ବିଜୟ ମାଝୀ, ପଦ୍ମପୁରର ରତିକାନ୍ତ ଦଳେଇ, ବେତଡ଼ାର ଅମର ନାୟକ ଓ ତିହିଡ଼ିର ସାହାଡ଼ା ସୁନ୍ଦରୀ ମଣ୍ଡଳ ସଭାପତି ଭାବେ କେଶବ ଚନ୍ଦ୍ର ବେହେରା ମନୋନୀତ ହୋଇଛନ୍ତି। ନବନିଯୁକ୍ତ ମଣ୍ଡଳ ସଭାପତିମାନଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ଜଣାଇଥିଲେ। ମନୋନୀତ ମଣ୍ଡଳ ସଭାପତିମାନେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ହେମନ୍ତ ପାଢ଼ୀ, ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ନେତା ବାଣୀକଲ୍ୟାଣ ମହାନ୍ତିଙ୍କ ସମେତ ଦଳର ବରିଷ୍ଠ ଓ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଫେବୃଆରୀ ୮ରୁ ଦ୍ୱିତୀୟ ସାଳନ୍ଦୀ ସାହିତ୍ୟ ସଙ୍ଗମ

ଭଦ୍ରକ,୭।୧(ସନାତନ ରାଉତ)

ଭଦ୍ରକରେ ସାଳନ୍ଦୀ ସାହିତ୍ୟ ସଙ୍ଗମ ଉତ୍ସବର ଦ୍ୱିତୀୟ ସଂସ୍କରଣ ଆସନ୍ତା ଫେବୃଆରୀ ୮ରୁ ଦୁଇଦିନ ଧରି ଅନୁଷ୍ଠିତ ହେବ। ଓଡ଼ିଶାର ପ୍ରକାଶନ ସଂସ୍ଥା ଟାଇମ୍‌ପାସ୍ ପକ୍ଷରୁ ଏହି ଉତ୍ସବ ହେବାକୁ ଥିବାବେଳେ ଏନେଇ ଭଦ୍ରକ ସାଳନ୍ଦୀ ନିବାସଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଯୁବ ଲେଖକ ସରୋଜ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ଅବସରରେ ଉତ୍ସବର କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଉପସଭାପତି ଗୀତିକାର ପଞ୍ଚାନନ ନାୟକ ଓ କବି କିଶୋର ପାଣିଗ୍ରାହୀ ଥିବାବେଳେ ସ୍ତମ୍ଭକାର ସୌମ୍ୟଶ୍ରୀ ପାଣିଗ୍ରାହୀ ପରିଚାଳନା ସମ୍ପାଦକ ଏବଂ କବି ଚିତ୍ତରଞ୍ଜନ ନାୟକ ସୃଜନଶୀଳ ସଂଯୋଜକ ଭାବେ ଚୟନ ହୋଇଛନ୍ତି। ଗଣମାଧ୍ୟମ ସଂଯୋଜକ ତପନ ସ୍ୱାଇଁ ଓ ଅବିନାଶ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାସହ ବାଲେଶ୍ୱରରୁ କବି ଉତ୍ପଳ ମହାନ୍ତି, ମୟୂରଭଞ୍ଜରୁ କବୟିତ୍ରୀ ଅସୀମା ସାହୁ, କେନ୍ଦୁଝରରୁ କବି ଅଶୋକ ପୁହାଣ, ଯାଜପୁରରୁ କଥାକାର ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ଏବଂ କେନ୍ଦ୍ରାପଡ଼ା ଜିଲାରୁ ଗାଳ୍ପିକ ତଥା ଚିତ୍ରଶିଳ୍ପୀ ଅତୁଲ ବଳ ୫ ଜିଲାର ସଂଯୋଜକ ଭାବେ ଦାୟିତ୍ୱ ଗ୍ରହଣ କରଛନ୍ତି। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଚିତ୍ରଶିଳ୍ପୀ ବୀରେନ୍ଦ୍ର ପାଣି କଳା-ସଂଯୋଜକ, ଅଧ୍ୟାପକ ସତ୍ୟଜିତ ମିଶ୍ର ଅଧିବେଶନ-ସଂଯୋଜକ, ଅବିନାଶ ସାହୁ ଉତ୍ସବ-ସଂଯୋଜକ, ଆଶିଷ କୁମାର ମିଶ୍ର ଆତିଥ୍ୟ-ସଂଯୋଜକ, ଅରୁଣ କୁମାର ଦାସ ପ୍ରକାଶନ-ସଂଯୋଜକ ଭାବେ ଦାୟିତ୍ୱ ନେଇଥିବା ବେଳେ ସହ ସଂଯୋଜକ ଭାବେ ସଂଗ୍ରାମ ସେନାପତି, ବିଚିତ୍ରାନନ୍ଦ ଜେନା, ପ୍ରୀତିପଦ୍ମା ଦାସ, ସତ୍ୟବ୍ରତ ସେଠୀ, ସଞ୍ଜୟ ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି। ଡ.ରାଧାବିନୋଦ ନାୟକ, ବାସୁଦେବ ବାରିକ, ଝରଣା ପଟ୍ଟନାୟକ, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ଡା. ବିକାଶ ନାରାୟଣ ନନ୍ଦ, ପୂର୍ଣ୍ଣଚନ୍ଦ୍ର ବହଳୀ ପ୍ରମୁଖ ସାହିତ୍ୟ ସ୍ରଷ୍ଟା କାର୍ଯ୍ୟକ୍ରମର ଦିଗ୍‌ଦର୍ଶକ ଭାବେ ମନୋନୀତ ହୋଇଛନ୍ତି।

# ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ପ୍ରତିଷ୍ଠା ସ୍ମାରକୀ ସମାରୋହ




ଭଦ୍ରକ, ୭।୧ (ରବିନାରାୟଣ ଖିଲାର)

ଭଦ୍ରକର ଚରମ୍ପା ଡଗରାସାହିଠାରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ୨୫ତମ ପ୍ରତିଷ୍ଠା ସ୍ମାରକୀ ସମାରୋହ ଓ ନେତ ଉଡ଼ାଣ ଉତ୍ସବ ଅନୁଷ୍ଠିତ ହୋଇଛି। ସମିତିର ମୁଖ୍ୟ ପରିଚାଳକ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଧ୍ୟାତ୍ମିକ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ରାଜକିଶୋର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ଡା. ଅନିଲ କୁମାର ଦାଶ, ସୁଦର୍ଶନ ପଣ୍ଡା, ବାବୁଲାଲ ଦାସ, କାହ୍ନୁଚରଣ ଦାସ, ଖବରଦାତା ଅଶୋକ ନାୟକ, ସନାତନ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଆପଣେଇ ପାରିଲେ ଭାରତ ଦିନେ ନା ଦିନେ ବିଶ୍ୱଗୁରୁର ଆଖ୍ୟା ଲାଭ କରିପାରିବ ବୋଲି ଅତିଥିମାନେ କହିଥିଲେ। କଣ୍ଠଶିଳ୍ପୀ ଶଶୀକଳା ମିଶ୍ର ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ସହ ଆବାହକ ବାବୁଲାଲ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଖବରଦାତା ରବିନାରାୟଣ ମିଶ୍ର, ନିରୁପମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମିତିର ବାର୍ଷିକ ମୁଖପତ୍ର 'ନୀଳକନ୍ଦର' ଉନ୍ମୋଚନ କରାଯାଇଛି।

## ଶିକ୍ଷକ ଫେଡେରେଶନର ପ୍ରତିଷ୍ଠା ଦିବସ

ଭଦ୍ରକ,୭।୧(ସନାତନ ରାଉତ)

ଭଦ୍ରକ ଟାଉନ ହଲ୍‌ରେ ମଙ୍ଗଳବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଜିଲା ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସକାଳେ ପତାକା ଉତ୍ତୋଳନ ପରେ ଶିକ୍ଷୟତ୍ରୀ ଶିକ୍ଷକ ଶୋଭାଯାତ୍ରାରେ ବାହାରି ମହତାବ ଛକରେ ଥିବା ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମହାସଚିବ ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଓ ରାଜ୍ୟ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ମତାମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶଶଧର ନାୟକ, ମନୋରଞ୍ଜନ ନାୟକ, ବାବୁଲା ରାଉତ, ଭାସ୍କର ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ଦାସ, ନାରାୟଣ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଙ୍ଗଠନ ସମ୍ପାଦକ ରୂପେଶ କୁମାର ସାହୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ।

# ଚୋରା ମଦ କାରବାର, ତାତିଲେ ମହିଳା



ତିହିଡ଼ି ଥାନା ଆଗରେ ମଦ ବିରୋଧୀ ମହିଳାମାନେ।

ତିହିଡ଼ି,୭।୧(ସଞ୍ଜିତ ବଳ)

ଚୋରା ମଦ କାରବାରକୁ ନେଇ ତାତିଲେ ତିହିଡ଼ି ଥାନା ଅଧୀନ କୋହ୍ଲ ଗ୍ରାମର ମହିଳା। ସେମାନେ ଛାଞ୍ଚୁଣି ଓ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିବା ସହ ତିହିଡ଼ି ଥାନା ଅଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ସେହିପରି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଏସ୍‌ପିଙ୍କ ନିକଟକୁ ମଧ୍ୟ ଅଭିଯୋଗ ପଠାଇଛନ୍ତି। ଚୋରା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ମଦ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

ମହିଳାମାନେ ଦର୍ଶାଇଛନ୍ତି ଯେ, କୋହ୍ଲ ଗ୍ରାମ, କମାରିଆ ବଜାର ସହ ବିଭିନ୍ନ ସ୍ଥାନରେ ବିପୁଳ ପରିମାଣରେ ଚୋରା ମଦ ବିକ୍ରି ହେଉଛି। ଫଳରେ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟପମାନେ ଗାଁରେ ମଧ୍ୟ ବିଭିନ୍ନ ଗଣ୍ଡଗୋଳ କରୁଛନ୍ତି। ଏଥିରେ ଅତିଷ୍ଠ ହୋଇ ଗ୍ରାମର ହେମଲତା ସାହୁ, ସ୍ୱର୍ଣ୍ଣଲତା ସାହୁ, ସସ୍ମିତା ସାହୁ, ସୁଲୋଚନା ରାଉଳ, କବିତା ସେନାପତି, ସବିତା ରାଉଳ, ଉର୍ମିଳା ପଣ୍ଡା, ଗୀତାରାଣୀ ସାହୁ, ପ୍ରତିମା ସିଂ, ସୋନାଲି ରାଉଳ, କୁନ୍ତଳା ସାହୁ ପ୍ରମୁଖ ଶୋଭାଯାତ୍ରାରେ ଯାଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ଉଦ୍‌ଘାଟନ ପାଇଁ ପ୍ରସ୍ତୁତି

ଧାମନଗର, ୭।୧ (ଦେବେନ୍ଦ୍ର ଆଢ଼ିଆ)

ଧାମନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କରଦା ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉଦ୍‌ଘାଟନ ପାଇଁ ମଙ୍ଗଳବାର ଅପରାହ୍ଣରେ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରସାନନ୍ଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୁଧବାର ଯଜ୍ଞ ପାଇଁ ସ୍ଥାନୀୟ ଜୟନଗରସ୍ଥିତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ର ପଡ଼ିଆରେ ଭୂମିପୂଜା ଲାଗି ବାଲେଶ୍ୱର ନୀଳଗିରି ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସି ଯଜ୍ଞ ମଣ୍ଡପଠାରେ ସ୍ଥାପନା ହେବ। ଆସନ୍ତା ଫେବୃଆରୀ ୨ରୁ ତିନିଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପୂଜନ, ଯଜ୍ଞ, ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ବିସିଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡ. ମନ୍ମଥ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ଆସିଷ୍ଟାଣ୍ଟ ପ୍ରଫେସର ଅମ୍ବୁଜ ଲୋଚନ ଦାଶ, ଏମ୍‌ପି ପ୍ରତିନିଧି ସରୋଜ ମହାପାତ୍ର, ଅରବିନ୍ଦ ପତି, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ସଚ୍ଚିକାନ୍ତ ପଣ୍ଡା, ରଣଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୪୭୬ ଛାତ୍ରୀଛାତ୍ର

ବଉଳା,୭।୧ (ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକର ହାଟଡିହୀ ହାଇସ୍କୁଲ ଓ ସୁନ୍ଦରପାଳ ଆଦର୍ଶ ବିଦ୍ୟାଳୟର ପରୀକ୍ଷାକେନ୍ଦ୍ରରେ ୪୭୬ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ହାଟଡିହୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୪୮ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୩୩ଜଣ ପରୀକ୍ଷା ଦେଇଛନ୍ତି। ୧୫ଜଣ ଅନୁପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ପରାମାନନ୍ଦ ପରିଡ଼ା ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏବିଇଓ ପ୍ରମୋଦ କୁମାର ନାୟକ ଉପସ୍ଥିତ ରହିଥିଲେ। ସେହିପରି ସୁନ୍ଦରପାଳ ଆଦର୍ଶ ବିଦ୍ୟାଳୟରେ ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୨୪୩ଜଣ ପରୀକ୍ଷା ଦେଇଛନ୍ତି। ୭ଜଣ ଅନୁପସ୍ଥିତ ଥିଲେ। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଳା ରାଉତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିବା ବେଳେ ସହକାରୀ ଶିକ୍ଷକ ରମେଶ ପରିଡ଼ା, ବିଶ୍ୱ ରଞ୍ଜନ ମହାନ୍ତି, ରାକେଶ ମହାନ୍ତି, ହରେକୃଷ୍ଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

### ବିଦ୍ୟାଳୟର ପୂର୍ବତନ କର୍ମଚାରୀଙ୍କ ପରଲୋକ

ବଉଳା, ୭।୧ (ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକର ମରୈଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ କର୍ମଚାରୀ ତଥା ସ୍କୁଲ ପ୍ରତିଷ୍ଠାର ସହଯୋଗୀ ଦୀନବନ୍ଧୁ ପଣ୍ଡା(୭୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ୩ ଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସକାଳେ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ବିଆର୍‌ସିସି ବିନୋଦ ରାଉତଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ବହୁବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀର ଗ୍ରାମ ପରିକ୍ରମା ପରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଦିଲ୍ ମୋହନ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ଠିରିଙ୍ଗ ପାହାଡ଼ ଲୌହ ଖଣି ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଲାଗି ଜନଶୁଣାଣି

ଯୋଡ଼ା,୭।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ଲିମିଟେଡର ମେସର୍ସ ଠିରିଙ୍ଗ ପାହାଡ଼ ଲୌହ ପଥର ଖଣିରୁ ଖଣିଜ ଉତ୍ପାଦନ ବୃଦ୍ଧି ନିମନ୍ତେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। କୁନ୍ଦୁରପାଣି ଗ୍ରାମରେ ୭୯.୩୦ ହେକ୍ଟର ପରିମିତ ଅଞ୍ଚଳରେ ଲୌହ ଖଣିଜ ଉତ୍ପାଦନ କ୍ଷମତା ବାର୍ଷିକ ୦.୩୨୮ ଏମଟିପିଏରୁ ୦.୯୯୫ ଏମଟିପିଏକୁ ବୃଦ୍ଧି କରି ବର୍ତ୍ତମାନ ବିଦ୍ୟମାନ ୧ ଟି ୨୦୦ ଟିପିଏଚ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ ମୋବାଇଲ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ସହିତ ଅତିରିକ୍ତ ପ୍ରସ୍ତାବିତ ୨୦୦ ଟିପିଏଚ ଏବଂ ୨୫୦ ଟିପିଏଚ କ୍ଷମତା ବିଶିଷ୍ଟ ୨ଟି ଇଣ୍ଟିଗ୍ରେଟେଡ ମୋବାଇଲ କ୍ରସିଂ ଏବଂ ସ୍କ୍ରିନିଂ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ବୈତରଣୀ ସଂରକ୍ଷିତ ଜଙ୍ଗଲ ମୌଜା ଦଲପାହାଡ଼ ବସ୍ତିରେ ମଙ୍ଗଳବାର ଏହି ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଆଲୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଜନ ଶୁଣାଣିକୁ ପରିଚାଳନା କରିଥିଲେ। ପ୍ରଥମେ ଓଡ଼ିଶା ଖଣି ନିଗମ ବଡବିଲ ଆଞ୍ଚଳିକ ପରିଚାଳକ ଅବନିକାନ୍ତ ପ୍ରଧାନ ପ୍ରକଳ୍ପ ସମ୍ବନ୍ଧରେ ସାରାଂଶ ଉପସ୍ଥାପନ କରିଥିଲେ। ଏହାପରେ ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନଶୁଣାଣୀରେ ନିଜର ମତାମତ ବ୍ୟକ୍ତ କରିଥିଲେ। ନିଯୁକ୍ତିକୁ ନେଇ କିଛି ଜନସାଧାରଣ ଖଣି ବିରୋଧରେ ନିଜର ମତାମତ ରଖିଥିଲେ। ପ୍ରକଳ୍ପକୁ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ଅଞ୍ଚଳରେ ପ୍ରଭାବିତ ଗ୍ରାମ ଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳର ସୁବିଧା, ବୃକ୍ଷ ରୋପଣ ଉପରେ ଦାବି କରିଥିଲେ ଗ୍ରାମବାସୀ। ତେବେ ଲୋକଙ୍କ ଦାବିକୁ ଯଥା ସମ୍ଭବ ପୂରଣ କରିବା ପାଇଁ ଓଏମସି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ସବୁ ମାନଦଣ୍ଡ ଓ ନିୟମକୁ ମାନି ପଦକ୍ଷେପ ନିଆଯିବ ବୋଲି କମ୍ପାନୀର ବଡବିଲ ଆଞ୍ଚଳିକ ଅଧିକାରୀ ପ୍ରଧାନ ସୂଚନା ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ସହ ସିଏସଆର ମାଧ୍ୟମରେ ଜନହିତକର କାର୍ଯ୍ୟ କରାଯିବ ବୋଲି ଓଏମସି ପକ୍ଷରୁ କୁହାଯାଇଛି। କୁନ୍ଦୁରୁପାଣି, ଖଣ୍ଡବନ୍ଧ, କୋଲ୍ହୋ ରୋଇଡା, ଭୂୟାଁ ରୋଇଡା,ଦଲପାହାଡ ସମେତ ଅନ୍ୟ ଗ୍ରାମର ପ୍ରାୟ ୨ ହଜାରରୁ ଅଧିକ ପ୍ରଭାବିତ ଗ୍ରାମବାସୀ ଜନଶୁଣାଣିରେ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୮ ଜଣ ନିଜର ମତାମତ ପ୍ରଦାନ କରିଥିଲେ।। ଖଣିର ପ୍ରସ୍ତାବିତ ଜନଶୁଣାଣି ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ ବୋଲି ଓଏମସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ସୂଚନା ପ୍ରଦାନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

# ଲକ୍ଷ୍ମୀନାରାୟଣ ହାଇସ୍କୁଲର ବାର୍ଷିକ କ୍ରୀଡା

ଢେଙ୍କିକୋଟ, ୭।୧ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତରେ ଥିବା ଲକ୍ଷ୍ମୀନାରାୟଣ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ସମୂହ ଛାତ୍ରୀଛାତ୍ର ଏକାଠି ହୋଇ ହାଇସ୍କୁଲ ଖେଳ ପଡିଆରେ ଉପସ୍ଥିତ ଥିବା ବେଳେ କ୍ରୀଡା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ରୀଡା ମଶାଲ ଜାଳି ଶପଥ ପାଠ କରି କ୍ରୀଡା ପତାକା ଉତ୍ତଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପଇଦାପାଟଣା ପଞ୍ଚାୟତର ସରପଞ୍ଚ ମୁକୁନ୍ଦ ମୁଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ରାଜ୍ୟ ଓଷ୍ଟା ସମ୍ପାଦକ କାହ୍ନୁଚରଣ ସାମଲ, ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉମାକାନ୍ତ ପ୍ରଧାନ, ଶାନ୍ତନୁ ସିଂହ, ପୂର୍ବତନ ପ୍ରଧାନ ଶିକ୍ଷକ କୀର୍ତ୍ତନବିହାରୀ ମହାନ୍ତ ରହିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ବଛାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବ ନିମନ୍ତେ ଆୟୋଜିତ ସଭାରେ ସଭାପତି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ ମହାନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ ଶତପଥି ବାର୍ଷିକ ବିବରଣୀ ପାଠ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଶାନ୍ତନୁ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମିରେ ରାସ୍ତା

## ସଙ୍କଟରେ ପ୍ରାଣୀ ସମ୍ପଦ

କେନ୍ଦୁଝର,୭।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ତହସିଲ ଅଧୀନ ଶିଶିପାଳ ପଞ୍ଚାୟତ ବେଲଦା ଗ୍ରାମର ବେଲଦା ଗୋଷ୍ଠୀକେନ୍ଦ୍ର ନିକଟରେ ଗୋଚର ଜମିରେ ରାସ୍ତା ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସରାସ-ବେଲଦା ରାସ୍ତାପାର୍ଶ୍ୱରେ କେତେକ ଲୋକ ବେଲଦା ଗ୍ରାମର ଖାତା ନମ୍ବର ୭୨, ପ୍ଲଟ୍ ନମ୍ବର ୩୨୭ରେ ଜେସିବି ଲଗାଇ ଗୋଚର ଜମିରେ ରାସ୍ତା ନିର୍ମାଣ କରୁଛନ୍ତି। ଉକ୍ତ ସ୍ଥାନରେ ବହୁ ପରିମାଣ ଗୋଚର ଜମି ରହିଛି। ଗୋଚର ଜମିରେ ବେଆଇନ ଭାବେ ରାସ୍ତା ନିର୍ମାଣ ଯୋଗୁ ଘାସ ପଡ଼ିଆ କ୍ଷତିଗ୍ରସ୍ତ ହୋଇଛି।

କେନ୍ଦୁଝର ସଦର ତହସିଲର ବିଭିନ୍ନ ମୌଜାରେ ଗୋଚର ଜମିର ସୁରକ୍ଷା କରାଯାଉ ନ ଥିବାରୁ ଦିନକୁ ଦିନ ଜବରଦଖଲ ବଢୁଛି। ଅନେକ ସ୍ଥାନରେ ଲୋକେ ଗୋଚର ଜମିରେ ବେଆଇନ ନିର୍ମାଣ କରୁଥିଲେ ମଧ୍ୟ ଉଚ୍ଛେଦ କରାଯାଉ ନାହିଁ। କାଗଜପତ୍ରରେ ଗୋଚର ଜମି ଥିଲେ ହେଁ ବାସ୍ତବରେ ଉକ୍ତ ଜମିରେ ବେଆଇନ ଦଖଲ ହେଉଛି। ଅନାବାଦୀ ଓ ଗୋଚର ଜମି ପ୍ରାଣୀମାନଙ୍କ ଚରିବା ପାଇଁ ଥିଲା। ସହର ଏବଂ ଗ୍ରାମାଞ୍ଚଳରେ ଏହି ଜମି ଜବରଦଖଲ ହୋଇ ଘର ନିର୍ମାଣ ହେଉଛି। କେତେକ ସ୍ଥାନରେ ଗୋଚର ଜମି ବେଆଇନ ଭାବେ କିସମ ପରିବର୍ତ୍ତନ ହେଉଛି। ରାଜସ୍ୱ ବିଭାଗର ଉଦାସୀନତା ଯୋଗୁ ଏହି ଗୋଚର ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ବଗିଚା, କୋଠାବାଡ଼ି ଏବଂ ପୋଖରୀ ନିର୍ମାଣ କରୁଛନ୍ତି। ଗୋଚର ଜମି ଅଭାବରୁ ଅନେକ ଚାଷୀ ଗୋ-ପାଳନ ପାଇଁ ଆଗଭର ହେଉନାହାନ୍ତି। ଦ୍ରୁତ ସହରୀକରଣ ଓ ଶିଳ୍ପର ଦ୍ରୁତ ବିକାଶ ସାଙ୍ଗକୁ ସରକାରୀ ଜାଗାଗୁଡ଼ିକର ଆବଶ୍ୟକ ସୁରକ୍ଷା ଅଭାବ, ଚାରଣ ଭୂଇଁର ଘୋର ଅଭାବ ଯୋଗୁ ପ୍ରାଣୀ ସମ୍ପଦର ବିକାଶରେ ବାଧକ ସୃଷ୍ଟି ହେଉଛି। ଫଳରେ ଜିଲା ହେଉ କି ରାଜ୍ୟରେ ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ଦ୍ରୁତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୧୦ବର୍ଷ ମଧ୍ୟରେ ଗୃହପାଳିତ ପ୍ରାଣୀଙ୍କ ସଂଖ୍ୟା ୩୦ ପ୍ରତିଶତକୁ କମିଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଗୋଚର ଜମି ଅଭାବରୁ ଗୋରୁ ଘାସ କେରାଏ ପାଇବା କଷ୍ଟକର ହୋଇପଡ଼ିଛି। ଗୋଚର ଜମିର ପୁନରୁଦ୍ଧାର ସହ ଜବରଦଖଲକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ତହସିଲଦାର ଶୁଭେନ୍ଦୁ ସାହୁଙ୍କୁ ପଚାରିବାରୁ ଏହାର ଯାଞ୍ଚ କରାଯାଇ ପଦକ୍ଷେପ



ଏକ ଗୋଚର ଜମିରେ ହୋଇଥିବା ରାସ୍ତା।

### ଭାଜପା ମଣ୍ଡଳ ସଭାପତିଙ୍କ ନାମ ଘୋଷଣା

ପାଟଣା,୭।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଭାଜପାର ୩୪ଟି ମଣ୍ଡଳର ସଭାପତିଙ୍କ ନାମ ରାଜ୍ୟ ଭାଜପା ନିର୍ବାଚନ ଅଧିକାରୀ ପ୍ରତାପ ଷଡ଼ଙ୍ଗୀ ଘୋଷଣା କରିଛନ୍ତି। ପାଟଣା ନିର୍ବାଚନମଣ୍ଡଳୀର ପାଟଣା ମଣ୍ଡଳ ସଭାପତି ଭାବେ ବ୍ରଜବନ୍ଧୁ ସେଠୀ, କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲିୟସ ସିଂ, ଖିରେଇଟାଙ୍ଗିରି ମଣ୍ଡଳ ସଭାପତି ମନୋଜ କୁମାର ମହାନ୍ତ,ସାହାରପଡା ମଣ୍ଡଳ ସଭାପତି ବୁଲୁ ବାରିକ ଓ ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ଉଖୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମୀଧର ମହାନ୍ତ ଏବଂ ନୂତନ ଭାବରେ ଗଠିତ ହୋଇଥିବା ଜ୍ୟୋତିପୁର ମଣ୍ଡଳ ସଭାପତି ଭାବେ ସିଦ୍ଧେଶ୍ୱର ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ସେହିପରି ପାଟଣା ମଣ୍ଡଳ ପ୍ରତିନିଧି ଭାବେ ଡମ୍ବରୁଧର ମହାନ୍ତ, କେନ୍ଦେଇପଶି ମଣ୍ଡଳ ପ୍ରତିନିଧି ବିପିନ ମହାନ୍ତ, ଖିରେଇଟାଙ୍ଗିରି ମଣ୍ଡଳ ପ୍ରତିନିଧି ମହେନ୍ଦ୍ର ନାଏକ, ସାହାରପଡା ମଣ୍ଡଳ ପ୍ରତିନିଧି ହରିଶ ଚନ୍ଦ୍ର ମହାନ୍ତ, ଉଦୟପୁର ମଣ୍ଡଳ ପ୍ରତିନିଧି ତରଣୀ ସେନ ମହାନ୍ତ, ଉଖୁଣ୍ଡା ମଣ୍ଡଳ ପ୍ରତିନିଧି ଲକ୍ଷ୍ମଣ ରାଉତ ଏବଂ ଜ୍ୟୋତିପୁର ମଣ୍ଡଳ ପ୍ରତିନିଧି ଭାବେ ଡେଭିଡ ମହାନ୍ତଙ୍କ ନାମ ଘୋଷଣା କରାଯାଇଛି।

# ଫାଇନାନ୍ସ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଅଭିଯୋଗ

କେନ୍ଦୁଝର,୭।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଶୁକ୍ରା ସାହିରେ ଘଟିଛି ଅଭାବନୀୟ ଘଟଣା। ସୋମବାର ଗ୍ରାହକଙ୍କ ଘରକୁ ବାଇକ୍ ଲୋନର ବକେୟା କିସ୍ତି ଅର୍ଥ ଆଦାୟ ପାଇଁ ଯାଇଥିବା ବେଳେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସଦର ଥାନା ବନେଇକଳା ଗାଁର ତାରିଣୀ ପ୍ରସାଦ ମହାନ୍ତ (ବୁବୁ)।

ସୂଚନା ଅନୁଯାୟୀ, ନୟାକୋଟ ଥାନା ଶୁକ୍ରା ସାହିର ରାମ ସିଂ ମୁଣ୍ଡା ଏକ ଫାଇନାନ୍ସ କମ୍ପାନୀରୁ ବାଇକ୍ ଲୋନରେ ଆଣିଥିଲେ। ୪ଟି କିସ୍ତି ଫେଲ୍ ଥିବାରୁ ଫାଇନାନ୍ସ କମ୍ପାନୀର କର୍ମଚାରୀ ମନୋଜ ମହାନ୍ତ ଓ ତାରିଣୀ ପ୍ରସାଦ ମହାନ୍ତ(ବୁବୁ-୨୪) ରାମଙ୍କ ଘରକୁ ସୋମବାର ଅପରାହ୍ନ ୪ ଟାରେ ଯାଇ କିସ୍ତି ଟଙ୍କା ମାଗିଥିଲେ। ଏନେଇ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ରାମ ସିଂଙ୍କୁ ଫାଇନାନ୍ସ କମ୍ପାନୀ କର୍ମଚାରୀ ତାଗିଦ୍ କରି ଫେରି ଆସିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରାମ ସିଂ ତାଙ୍କର ୫ ରୁ ୬ଜଣ ସହଯୋଗୀଙ୍କ ସହ ଏକ ବୋଲେରୋରେ ଆସି ଶୁକ୍ରାସାହି ନିକଟରେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ବାଇକ୍ ପଛରେ ଧକ୍କା ଦେଇଥିଲେ। ଫଳରେ ବାଇକ୍ ପଛରେ ବସିଥିବା ବୁବୁ ଛିଟିକି ପଡ଼ିଥିଲେ। ପରେ ତାଙ୍କ ଉପରେ ବୋଲେରୋ ଚଢ଼ାଇ ଦେଇଥିବା ଫାଇନାନ୍ସ କମ୍ପାନୀ କର୍ମଚାରୀ ମନୋଜ ଅଭିଯୋଗ କରିଛନ୍ତି। ଖବର ପାଇ ନୟାକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତ ମନୋଜଙ୍କୁ ବାଂଶପାଳ ମେଡିକାଲରେ ଭର୍ତ୍ତି କରିଥିଲା। ଅତିରିକ୍ତ ଏସ୍‌ପି ମନୋଜ ରାଉତଙ୍କ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ତନାଘନା ଚଳାଇଛନ୍ତି। ରାମସିଂ ମୁଣ୍ଡାଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪/୨୫) ରୁଜୁ ହୋଇଛି। ଏହା ଦୁର୍ଘଟଣା ନା ହତ୍ୟା ତାହାର ତଦନ୍ତ ପୋଲିସ ଆରମ୍ଭ କରିଛି ବୋଲି ନୟାକୋଟ ଥାନା ଅଧିକାରୀ ରବିଶଙ୍କର ବୈଶ କହିଛନ୍ତି।



# ଦ୍ୱାରଶୁଣୀ ଘାଟି ରାସ୍ତା ପାଇଁ ବାଟ ଫିଟିଲା

## ପ୍ରଶସ୍ତୀକରଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କଲେ ମୟୂରଭଞ୍ଜ ଏମ୍‌ପି

ବାରିପଦା,୭।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣକୁ ନେଇ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ବହଡାଗଡ଼ାଠାରୁ ସିଙ୍ଗଡ଼ା ମଧ୍ୟରେ ଥିବା ଏହି ଘାଟି ରାସ୍ତାର ୯ କି.ମି. ୧୯୮ ମିଟର ରାସ୍ତା ପ୍ରଶସ୍ତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୧୯୬.୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀଙ୍କ ସହିତ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଆଲୋଚନା କରି ସବିଶେଷ ତଥ୍ୟ ପ୍ରଦାନ କରିବା ପରେ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଛି।

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ମାଧ୍ୟମରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟରେ ନିୟୋଜିତ ରହିଛି। ଉଭୟ ବିଭାଗର ପ୍ରୟାସରେ ବାହଡ଼ାଗଡ଼ାଠାରୁ ସିଙ୍ଗଡା ସେକ୍ସନର ପର୍ଯ୍ୟନ୍ତ ୪ ଲେନ୍ ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛ। ଯାହାକୁ ନେଇ ବିଡ୍/ପ୍ୟାକେଜ୍ ନଂ.ଓଆରଡିଆଇଭି/୪୯/୨୦୨୫ ବହଡାଗଡା-ସିଙ୍ଗଡା/ଇ-୨୬୯୯୭୩ ଅନୁଯାୟୀ ଜାନୁଆରୀ ୩ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ଫେବୃଆରୀ ୧୯ରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ୨୦ ତାରିଖରେ ଟେଣ୍ଡର ଖୋଲାଯିବ। ପରେ ବିଭାଗୀୟ ପ୍ରସ୍ତୁତିକୁ ନେଇ କାର୍ଯ୍ୟାରମ୍ଭ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଉକ୍ତ ଅନୁଦାନ ରାଶିରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଜୋନ୍‌ରେ ହାତୀଙ୍କ ନିମନ୍ତେ ୫ଟି ଅଣ୍ଡରପାଶ୍ ଓ ବନ୍ୟଜନ୍ତୁଙ୍କ ପାଇଁ ୧୪ଟି ଅଣ୍ଡରପାଶ୍ ନିର୍ମାଣ ହେବାର ବ୍ୟବସ୍ଥା କରାଯାଇଛି। ତେବେ ଦୀର୍ଘ ଦିନର ଦାବି ପରେ ଦ୍ୱାରଶୁଣି ଘାଟି ରାସ୍ତାକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମାଧାନର ବାଟ ଫିଟାଯାଇଛି। ଯାହାକୁ ନେଇ ମୟୂରଭଞ୍ଜବାସୀ ଖୁସି ପ୍ରକଟ କରିବା ସହ ଧନଜୀବନ ହାନିରୁ ରକ୍ଷା ମିଳି ପାରିବ ବୋଲି ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଦ୍ୱାରଶୁଣି ଘାଟି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ପାଲଟିଛି। ଯାହାକୁ ନେଇ ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ଓ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ।



କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ ଆଲୋଚନା କରୁଛନ୍ତି।

### ଦୋଷୀଙ୍କୁ ୧୦ ବର୍ଷ ଜେଲ
### ମହିଳାଙ୍କୁ ବଳାତ୍କାର ମାମଲା

ରାଇରଙ୍ଗପୁର,୭।୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରଜଜଙ୍କ କୋର୍ଟରେ ମଙ୍ଗଳବାର ଏକ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ଭି. ସୁଜାତା ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋରୁମହିଷାଣି ଥାନା ଅଞ୍ଚଳର ମହେନ୍ଦ୍ର ନାୟକ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ସେପ୍ଟେମ୍ବର ୨୮ ତାରିଖରେ ସ୍ୱାମୀଙ୍କ ଅନୁପସ୍ଥିତିରେ ଜଣେ ମହିଳା ଘରେ ଏକାକୀ ଥିବା ବେଳେ ଅଭିଯୁକ୍ତ ମହେନ୍ଦ୍ର ଜୋର ଜବରଦସ୍ତ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଗୋରୁମହିଷାଣି ପୋଲିସ ଏକ ମାମଲା(ନଂ.୮୯/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଗ୍ରହଣ କରୁଥିବା ଛାତ୍ରୀମାନେ।

ଝାରପୋଖରିଆ,୭।୧ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆ (ବମ୍ଭେ ଛକ)ସ୍ଥିତ ସୀମାନ୍ତ ମହାବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ପାଲ ଶିବିରକୁ ଉଦ୍‌ଘାଟନ କରି ତାଲିମଧାରୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ଅଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଜୟନ୍ତୀ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ +୨ର ମୋଟ ୨୨୬ ଜଣ ଛାତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ଏହି ଶିବିର ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧ୍ୟାପକ ସ୍ୱପ୍ନେଶ୍ୱର ମୁର୍ମୁ, ସୁପର୍ଣ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ତାଲିମପ୍ରାପ୍ତ ପ୍ରଶିକ୍ଷିକା ସୁଲେଖା ପ୍ରଧାନ ଓ ଯଶୋଦାମଣି ସିଂ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଶିଶିର କୁମାର ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ, ଗ୍ରାମବାସୀଙ୍କ ଧାରଣା

ମୋରଡା,୭।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନାକିଚୁଆ ପଞ୍ଚାୟତର କାନପୁର ଗ୍ରାମରେ ଥିବା କାନାଡ଼ା ବ୍ୟାଙ୍କର ସ୍ଥାନାନ୍ତର ପ୍ରତିବାଦରେ ଗ୍ରାମବାସୀ ଦେଇଥିବା ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ସୂଚନା ଅନୁଯାୟୀ,କାନପୁର ଗ୍ରାମ ବ୍ଲକର ଏକ ବଡ଼ ଗ୍ରାମ ହୋଇଥିବା ବେଳେ ବହୁ ବର୍ଷ ପୂର୍ବେ ଗ୍ରାମରେ କାନାଡ଼ା ବ୍ୟାଙ୍କର ଏକ ଶାଖା ଖୋଲିଥିଲା। ଗ୍ରାହକ ଖାତା ଖୋଲିବାକୁ ଉକ୍ତ ବ୍ୟାଙ୍କକୁ ଆସୁଥିବା ବେଳେ ଗ୍ରାମବାସୀ ଗ୍ରାହକଙ୍କୁ ବ୍ୟାଙ୍କ ସେବାରେ ସହଯୋଗ କରି ଆସୁଥିଲେ। ତେବେ ଉକ୍ତ ବ୍ୟାଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଜାଣିପାରି ଗ୍ରାମବାସୀ ଗତ ବର୍ଷ ଡିସେମ୍ବର ୨୪ ତାରିଖରେ ଏହାକୁ ବିରୋଧ କରି ବ୍ୟାଙ୍କର ବାହାର ପଟୁ ତାଲା ପକାଇ ଜୋରଦାର ପ୍ରତିବାଦ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ବେତନଟୀ ଏସ୍‌ଡିପିଓ ମମତା ସାହୁ, ଥାନା ଅଧିକାରିଣୀ ସୁକାନ୍ତି କୋରେଇ ଏବଂ ପୋଲିସ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ସୋମବାରଠାରୁ ଗ୍ରାମବାସୀ ପୁଣି ବ୍ୟାଙ୍କ ସ୍ଥାନାନ୍ତରକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ତେବେ ବ୍ୟାଙ୍କକୁ ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନାନ୍ତର କରାଯାଉଛି ବୋଲି କହିଛନ୍ତି ଗ୍ରାମବାସୀ। ବ୍ୟାଙ୍କ ଏଠାରୁ ସ୍ଥାନାନ୍ତର ନ ହେବାର ନିଷ୍ପତି ନେବା ଯାଏଁ ଧାରଣା ଦିଆଯିବ ବୋଲି କହିଛନ୍ତି ଗ୍ରାମବାସୀ।

# ଅଠର ଦେଉଳର ପୁନରୁଦ୍ଧାର ଦାବି

## ଜିଲାପାଳଙ୍କୁ ଭେଟିଲେ ପରିଚାଳନା କମିଟି ସଦସ୍ୟ

ବାରିପଦା,୭।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ମାନବ ଦେଉଳ ଭାବେ ପରିଚିତ ଅଠର ଦେଉଳର ପୁନରୁଦ୍ଧାର ଓ ବାଥୁଡ଼ି ସମ୍ପ୍ରଦାୟର ସୁରକ୍ଷା ସଂରକ୍ଷଣ ନିମନ୍ତେ ସରକାରୀ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ଅଠର ଦେଉଳ ପରିଚାଳନା କମିଟିର ଏକ ପ୍ରତିନିଧି ଦଳ ବାରିପଦାଠାରେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବାଥୁଡି ସମ୍ପ୍ରଦାୟର ଲୋକେ ମୟୂରଭଞ୍ଜ ଜିଲାର ଖ୍ରୀଷ୍ଟପୂର୍ବ ୫୦୦୦ରୁ ବସବାସ କରୁଥିବା ବେଳେ ଜିଲାର ମୂଳନିବାସୀ ବୋଲି କୁହାଯାଇଥାଏ। ଓଡ଼ିଶାରେ ୭ଲକ୍ଷ ୯୦ହଜାର ବାଥୁଡି ଲୋକେ ବସବାସ କରୁଛନ୍ତି। କିନ୍ତୁ ସେମାନଙ୍କୁ ସରକାରୀ ସ୍ତରରେ ସଂରକ୍ଷଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହା ଫଳରେ ସେମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଆଖିଦୃଶିଆ ସ୍ୱଚ୍ଛଳ ହୋଇ ପାରିନାହାଁନ୍ତି। ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳରେ ବାଥୁଡି ସମ୍ପ୍ରଦାୟର ଆରାଧ୍ୟ ଦେବତା ଅଠର ଦେଉଳ ମନ୍ଦିର ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଉକ୍ତ ସମ୍ପ୍ରଦାୟର ଲୋକେ ବନାଗ୍ନିକୁ ରୋକିବା ଓ ବୃଷ୍ଟିପାତ ନେଇ କେଉଁ ଆବହମାନ କାଳରୁ ଅଠର ଦେଉଳ ପୂଜାର୍ଚ୍ଚନା କରି ଆସୁଛନ୍ତି। ଘଞ୍ଚ ଜଙ୍ଗଲ ମଧ୍ୟରେ ହଜାରେ ବର୍ଷ ପୁରୁଣା ପ୍ରାଚୀନ ମନ୍ଦିର ରହିଛି। ଉକ୍ତ ମନ୍ଦିରରେ ବଡାମ ଠାକୁରଙ୍କୁ ବାଥୁଡି ଜନଜାତି ପୂଜାର୍ଚ୍ଚନା କରି ଆସୁଛନ୍ତି। ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାକ ଶ୍ରଦ୍ଧାଳୁ ଆସି ବଡାମ ଠାକୁରାଙ୍କୁ ପୂଜା କରିଥାନ୍ତି। ଦୁର୍ଗମ ଅଞ୍ଚଳରେ ଥିବା ବାଥୁଡିଙ୍କ ପବିତ୍ର ତୀର୍ଥ ସ୍ଥଳୀ ଅଠର ଦେଉଳର ପୁନରୁଦ୍ଧାର ନେଇ ରାଜ୍ୟ ସରକାର କୋଣସି ପଦକ୍ଷେପ ଗ୍ରହଣ ନ କରିବାରୁ ମନ୍ଦିର ଭାଙ୍ଗିଯାଉଛି। ଏହାର ପୁନରୁଦ୍ଧାର କରି ସ୍ମାରକୀ ଭାବେ ଘୋଷଣା କରିବାର ଆବଶ୍ୟକତା ରହିଛି। ଏନେଇ ପ୍ରତ୍ନତତ୍ୱ ବିଭାଗ ଦାରା ସର୍ଭେ କରି ପୁନରୁଦ୍ଧାର ନେଇ ଦାବି କରାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିର ନିମନ୍ତେ ସହାୟତା ରାଶି ପ୍ରଦାନ କରିଥିଲେ। କିନ୍ତୁ ଏହାପରେ ନୂତନ ସରକାର ଅଠର ଦେଉଳର ପୁନରୁଦ୍ଧାର ନେଇ ମନନିବେଶ କରୁନାହାନ୍ତି। ଏହା ସହିତ ଶିମିଳିପାଳ ଅଭୟାରଣ୍ୟର ଅସୁରକ୍ଷିତ ଥିବା ନେଇ ଅଭିଯୋଗ କରିଛନ୍ତି। ଶିମିଳିପାଳ ସୁରକ୍ଷା ନେଇ ପ୍ରକୃତି ପୂଜକ ବାଥୁଡି ସମ୍ପ୍ରଦାୟର ଲୋକଙ୍କୁ ବନ ବିଭାଗରେ ନିୟୋଜିତ କରାଯାଉ। ପତ୍ରର ଏକ ନକଲ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି, କେନ୍ଦ୍ର ଜନଜାତି ବିଭାଗ ମନ୍ତ୍ରୀ, କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ଦେବେନ୍ଦ୍ରନାଥ ନାଏକ, ସମ୍ପାଦକ କାଇ ଚଟଣୀର ଗବେଷକ ଇଂ. ନୟାଧର ପଢ଼ିଆଳ, ବିଷ୍ଣୁଚରଣ ନାଏକ, ଜିଲା ପରିଷଦ ସଦସ୍ୟ ମିନତୀ ନାଏକ, ହୃଷିକେଶ ବିଶ୍ୱାଳ, ଶୁକଦେବ ନାଏକ, ଗଣେଶ୍ୱର ନାଏକ, ନିରାକାର ନାଏକ, ଯୋଗେଶ୍ୱର ନାଏକ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଅଠର ଦେଉଳ ପରିଚାଳନା କମିଟିର ସଦସ୍ୟମାନେ।

